## ୮ ମାର୍ଚ୍ଚ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଓ୍ୱହଦ୍ ଯୁଦ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଦୁଆ ସ୍ୱୀକାର ହେବା, ସାହାବା ଓ ସାହାବିୟାତ୍‌ମାନଙ୍କର ବଳିଦାନ ଏବଂ ନିଜ ପ୍ରିୟ ମୁନିବଙ୍କ ପ୍ରତି ତାଙ୍କର ଅପାର ପ୍ରେମ, ତ୍ୟାଗ ଓ ଅନୁରାଗର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଦୁଆ ସ୍ୱୀକାର ହେବା, ଯାହାକି ଆପଣ ନିଜ ସାହାବା ହଜରତ ସାଦ୍ [ର.ଅ]ଙ୍କର ଦୁଆ ସ୍ୱୀକାର ହେବା ସଂକ୍ରାନ୍ତରେ କରିଥିଲେ । ସେହି ଘଟଣାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜରତ ସାଦ୍ [ର.ଅ]ଙ୍କର କନ୍ୟା ହ.ଆଏଶା ନିଜ ପିତାଙ୍କ ଆଖ୍ୟାନ ବର୍ଣ୍ଣନା କରନ୍ତି, କି ମୋ ପିତା କୁହନ୍ତି; ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ଅମାନ୍ୟକାରୀମାନେ ପାଲଟା ଆକ୍ରମଣ କରିଦେଲେ ସେତେବେଳେ ମୁଁ (ସ୍ୱୟଂକୁ) କହିଲି; ଏମାନଙ୍କୁ ଏଠାରୁ ମୁଁ ଦୂରେଇ ଦେବି ଅଥବା ମୋକ୍ଷ ପ୍ରାପ୍ତ କରିନେବି ଅର୍ଥାତ ଶହିଦ୍ ହୋଇଯିବି । ଇତି ମଧ୍ୟରେ ହଠାତ୍ ମୁଁ ଏକ ଲୋହିତ ମୁଖ ବର୍ଣ୍ଣଧାରୀ ବ୍ୟକ୍ତିକୁ ଦେଖିଲି ଏବଂ ଖୁବ୍ ନିକଟତର ଥିଲା କି ଅମାନ୍ୟକାରୀମାନେ ତାହା ଉପରେ ବିଜୟ ପ୍ରାପ୍ତି କରି ନେଇଥାନ୍ତେ । କିନ୍ତୁ ସେ ମୁଠାଏ ଗୋଡ଼ିମାଟି ଉଠାଇ ସେମାନଙ୍କ ଆଡ଼କୁ ଫିଙ୍ଗିଲେ । ସେତେବେଳେ ତାଙ୍କ ଓ ମୋ ମଧ୍ୟରେ ହଜରତ ମିକ୍‌ଦାଦ୍ ଆସିଗଲେ । ମିକ୍‌ଦାଦ୍ କହିଲେ; ସେ ଆମ ପ୍ରିୟ ମୁନିବ୍ ହଜୁର[ସ.ଅ] ଏବଂ ସେ ଆପଣଙ୍କୁ ଡ଼ାକୁଛନ୍ତି । ମୋତେ ଏପରି ଅନୁଭବ ହେଲା ଯେମିତି ମୋତେ କୌଣସି ଆଘାତ ହିଁ ଲାଗି ନାହିଁ । ମୁଁ ହଠାତ୍ ଛିଡ଼ା ହୋଇଗଲି ଏବଂ ହଜୁର [ସ.ଅ]ଙ୍କ ସେବାରେ ହାଜର ହେଲି । ଆପଣ[ସ.ଅ] ମୋତେ ନିଜ ସମ୍ମୁଖରେ ବସାଇ ଦେଲେ । ମୁଁ ତୀର ନିକ୍ଷେପ କଲି ଏବଂ ମୁଁ କହିଲି; ହେ ଅଲ୍ଲାଃ ! ତୁମର ହିଁ ଏ ତୀର । ତୁମେ ଏହା ଦ୍ୱାରା ନିଜ ଶତ୍ରୁକୁ ନିପାତ କରିଦିଅ । ହଜରତ ମୁହମ୍ମଦସ.ଅ କହିଲେ; ହେ ଅଲ୍ଲାଃ ! ତୁମେ ସାଦ୍‌ଙ୍କର ଦୁଆ (ଅନୁଗ୍ରହ ପୂର୍ବକ) ସ୍ୱୀକାର କରିନିଅ । ହେ ଅଲ୍ଲାଃ ! ସାଦ୍‌ଙ୍କୁ ଲକ୍ଷ ଭେଦ କରିବାକୁ ଶକ୍ତି ପ୍ରଦାନ କର । ହେ ସାଦ୍ ! ତୁମ ଉପରେ ମୋ ପିତାମାତା ଉତ୍ସର୍ଗିତ । ହଜରତ ମିର୍ଜା ବଶିର ଅହେମଦ ସାହେବ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରନ୍ତି; **ହଜରତ ସାଦ୍ ବିନ୍ ଓ୍ୱକାସ ନିଜ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ହଜୁର [ସ.ଅ]ଙ୍କର ସେହି ଉକ୍ତିକୁ ଅତି ଗର୍ବର ସହିତ ବର୍ଣ୍ଣନା କରୁଥିଲେ ।**

ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଆଦେଶ ଅନୁଯାୟୀ ହଜରତ ଉମର[ର.ଅ] ଅମାନ୍ୟକାରୀଙ୍କର ସେହି ଅତର୍କିତ ଆକ୍ରମଣକୁ କିଭଳି ପଣ୍ଡ କଲେ । ଏଥିସଂକ୍ରାନ୍ତରେ ବର୍ଣ୍ଣିତ ରହିଛି ଯେ, ଯେତେବେଳେ ହଜୁର[ସ.ଅ] ସାହାବାଙ୍କ ଦଳ ସହିତ ପର୍ବତ ଉପରକୁ ଚାଲିଗଲେ । ସେତେବେଳେ ହଠାତ୍ ଖାଲିଦ୍ ବିନ୍ ଓଲିଦ୍‌ଙ୍କ ନେତୃତ୍ୱରେ କୁରୈଶର ଏକ ସୈନ୍ୟଦଳ ସେହିସ୍ଥଳେ ପହଞ୍ଚି ଗଲା । ହଜୁର[ସ.ଅ] ଶତ୍ରୁକୁ ନିଜ ନିକଟତର ହେବାର ଦେଖି ଦୁଆ କଲେ ହେ ପ୍ରଭୁ ! ଏମାନଙ୍କ ପାଇଁ ବୈଧ ନୁହେଁ କି ସେମାନେ ଆମ ଉପରେ ବିଜୟ ପ୍ରାପ୍ତ କରନ୍ତୁ । ହେ ଅଲ୍ଲାଃ ! ଆମେ ଦୁର୍ବଳ ଓ ଶକ୍ତିହୀନ କିନ୍ତୁ କେବଳ ତୁମେ ହିଁ ଆମର ସାହା । ସେହିକ୍ଷଣି ହଜରତ ଉମର[ର.ଅ] ତୁରନ୍ତ ପ୍ରବାସକାରୀଙ୍କର ଏକ ଦଳ

ସହିତ ସେମାନଙ୍କ ଉପରେ ପ୍ରତିଘାତ କଲେ ଏବଂ ସେମାନଙ୍କୁ ପଛକୁ ହଟାଇ ପର୍ବତର ପାଦଦେଶକୁ ଓହ୍ଲାଇ ଯିବାକୁ ବାଧ୍ୟ କରିଦେଲେ । ଏହି ଘଟଣା ସଂକ୍ରାନ୍ତରେ ଅଲ୍ଲାଃତାଲା ନିଜ ପବିତ୍ର ବାଣୀରେ ଇଙ୍ଗିତ କରନ୍ତି, *ଓଲା ତହିନୁ ଓଲା ତହ୍‌ଜନୁ ଓଅନ୍‌ତୁମୁଲ୍ ଆଲୌନା ଇନ୍ କୁନ୍‌ତୁମ୍ ମୁଓ୍ମିନିନ୍* ଅର୍ଥାତ (ହେ ମୁସଲମାନମାନେ) ଦୁର୍ବଳତା ପ୍ରଦର୍ଶନ କର ନାହିଁ ଏବଂ ସନ୍ତାପନା କର ନାହିଁ । ଯେତେବେଳେ କି ତୁମେ ହିଁ ବିଜୟୀ ହେବ, ଯଦି ତୁମେମାନେ ବିଶ୍ୱାସକାରୀ ଅଟ ।

ନବୀଶିରୋମଣି ଭୀଷଣ ରୂପେ ଆଘାତ ପ୍ରାପ୍ତ ଥିବା ସତ୍ତ୍ୱେ ତାଙ୍କୁ କେବଳ ସାହାବାଙ୍କର ଚିନ୍ତା ଘାରୁ ଥିଲା । ଏହି ପ୍ରସଙ୍ଗରେ ହଜରତ ଆଏଶା[ର.ଅ] କୁହନ୍ତି; ମୋ ପିତା ଯେତେବେଳେ ମଧ୍ୟ ଓ୍ୱହଦ୍ ଯୁଦ୍ଧର ଚର୍ଚ୍ଚା କରନ୍ତି, ଏହି କଥା କହନ୍ତି; ସେହି ଦିନଟି ସମ୍ପୂର୍ଣ୍ଣ ରୂପେ ତଲହା [ର.ଅ]ଙ୍କର ଥିଲା । ପୁନଶ୍ଚ ତାହାର ବ୍ୟାଖ୍ୟା କରନ୍ତି କି ମୁଁ (ଅବୁବକର[ର.ଅ]) ସେହି ଲୋକମାନଙ୍କ ମଧ୍ୟରୁ ଥିଲି ଯେ ଓ୍ୱହଦ୍ ଦିନ ହଜୁର [ସ.ଅ]ଙ୍କ ଆଡ଼କୁ ଫେରି ଆସିଥିଲି । ସେତେବେଳେ ମୁଁ ଲକ୍ଷ କଲି ହଜୁର [ସ.ଅ]ଙ୍କର ତଳଦାଢ଼ର ସମ୍ମୁଖ ଦାନ୍ତ ମଧ୍ୟରୁ ଚତୁର୍ଥ ଦାନ୍ତଟି ଭାଙ୍ଗି ଯାଇଛି । ଆଉ ଆପଣଙ୍କର ପବିତ୍ର ମୁଖ କ୍ଷତାକ୍ତ ହୋଇଯାଇଛି ତଥା ଗାଲରେ ମୁକୁଟର କଡ଼ି ପ୍ରବିଷ୍ଟ ହୋଇଯାଇଛି । ଏପରି ଅତିଶୟ ଯନ୍ତ୍ରଣାପ୍ରଦ ଅବସ୍ଥାରେ ମଧ୍ୟ ନବୀଶ୍ରେଷ୍ଠ କହିଲେ; ତୁମେ ନିଜ ସାଥି ତଲହା [ର.ଅ]ଙ୍କର ସାହାଯ୍ୟ କର । ମହାମହିମ ହଜୁର ଅନଓ୍ୱର[ଅ.ବ] କହିଲେ; **ଯଦିଚ ଏହି ଘଟଣା ପୂର୍ବରେ ମଧ୍ୟ ଆଲୋଚନା ହୋଇସାରିଛି କିନ୍ତୁ ଭିନ୍ନ ଭିନ୍ନ ବର୍ଣ୍ଣନାରେ ଉଣାଅଧିକ ଉକ୍ତି ଅଥବା ବର୍ଣ୍ଣନାର ଶୈଳୀ ଭିନ୍ନ ରକମର ହେବା ଯୋଗୁଁ ମୁଁ ପୁନର୍ବାର ଚର୍ଚ୍ଚା କରି ଦେଇଥାଏ ।**

ମଦିନାର ମହିଳାମାନଙ୍କ ଅସାଧାରଣ ଧୈର୍ଯ୍ୟ ରକ୍ଷା ଏବଂ ପ୍ରଭୁଙ୍କ ନିୟତିରେ ରାଜି ହେବାର ନମୁନା (ପ୍ରଦର୍ଶନ କରିବାର) କେତେକ ଘଟଣା ରହିଛି । ଓ୍ୱହଦ୍ ଯୁଦ୍ଧ ପରେ ଯେତେବେଳେ ହଜୁର[ସ.ଅ] ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ହଜରତ ମୁସଏବ ବିନ୍ ଉମେର୍ [ର.ଅ]ଙ୍କର ପତ୍ନୀ ହମ୍‌ନାଃ ବିନ୍ତ (କନ୍ୟା) ଜହଶ୍ [ର.ଅ]ଙ୍କୁ ଲୋକମାନେ ତାଙ୍କ ଭାଇ ଓ ମାମୁଙ୍କର ଶହିଦ୍ ହେବା ଖବର ଦେଲେ । ଏଥିରେ ସେ *ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍* ପାଠ କଲେ କିନ୍ତୁ ଯେତେବେଳେ ତାଙ୍କୁ ତାଙ୍କ ସ୍ୱାମୀଙ୍କ ନିଧନ ହେବାର ସୂଚନା ମିଳିଲା, ସେ ରୋଦନ କରିବାକୁ ଲାଗିଲେ ଏବଂ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ ତଥା ବିଳାପ କରି କହିଲେ; ହାଏରେ ବିଧାତା (ଦୁଃଖଦ) ! ଯେତେବେଳେ ହଜୁର[ସ.ଅ] ତାଙ୍କୁ ପଚାରିଲେ ତୁମେ ଏପରି ଉକ୍ତି କାହିଁ ଉଚାରଣ କଲ । ହମ୍‌ନାଃ ଉତ୍ତର ଦେଲେ, ତାହା କେବଳ ମୁଁ ନିଜ ସ୍ୱାମୀଙ୍କ ପାଇଁ କହିଥିଲି । କାରଣ ମୋତେ ଆମ ପିଲାମାନଙ୍କ ଅନାଥ ହୋଇଯିବା କଥା ଭାରାକ୍ରାନ୍ତ କରି ଦେଇଥିଲା । ଏଥିସକାଶେ ମୁଁ ବିଚଳିତ ହୋଇ ପଡ଼ିଲି ଏବଂ ମୋ ମୁଖରୁ ସ୍ୱତଃ ଏପରି ଉକ୍ତି ନିସୃତ ହୋଇଗଲା । ଏହା ଶୁଣି ହଜୁର[ସ.ଅ] ହଜରତ ମୁସଏବ [ର.ଅ]ଙ୍କର ସନ୍ତାନମାନଙ୍କ ସକାଶେ ଦୁଆ କଲେ । ହେ ଅଲ୍ଲାଃ ଏ ଅନାଥମାନଙ୍କର ପ୍ରତିପାଳକ ଓ ଅଭିଭାବକ ! ଏମାନଙ୍କ ସହ ନମ୍ର ଓ ଦୟା ଆଚରଣ କର ଏବଂ ତାଙ୍କ ଉପରେ ନିଜ ଅନୁକମ୍ପା ଅଜାଡ଼ି ଦିଅ ।

ହଜରତ ହିନ୍ଦ୍ [ର.ଅ]ଙ୍କୁ ଯେତେବେଳେ ନିଜ ସ୍ୱାମୀ, ଭାଇ ଓ ପୁତ୍ରର ଶହିଦ୍ ହେବାର ସୂଚନା ମିଳିଲା କି ସେ ସଭିଏଁ ନିହତ ହୋଇଯାଇଛନ୍ତି । ସେତେବେଳେ ସେ ତାଙ୍କ ମର ଶରୀରକୁ ଓଟରେ ଲଦି (ଓ୍ୱହଦ୍ ରଣକ୍ଷେତ୍ରରୁ) ମଦିନାରେ ସମାଧି ଦେବାକୁ ଘେନି ନେଲେ । କିନ୍ତୁ ଓଟକୁ ମଦିନା ଆଡ଼କୁ କରିବା ମାତ୍ରେ ସେ ବସି ପଡୁଥିଲା ଆଉ ଓ୍ୱହଦ୍ ଆଡ଼କୁ କରିବା କ୍ଷଣି ଶୀଘ୍ର ଶୀଘ୍ର ଗତି କରୁଥିଲା । ବସ୍ତୁତଃ ହଜରତ ହିନ୍ଦ୍ ହଜୁର [ସ.ଅ]ଙ୍କ ନିକଟକୁ ଆସିଲେ ଏବଂ ଏଥିସଂକ୍ରାନ୍ତରେ ଆପଣଙ୍କୁ ଅବଗତ କଲେ । ଏଥିରେ ହଜୁର[ସ.ଅ] କହିଲେ; ଆଜି ଏହି ଓଟକୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥାତ ତାହାକୁ ଅଲ୍ଲାଃତାଲା ଏହି କାର୍ଯ୍ୟରେ ମୁତୟନ କରିଛନ୍ତି କି ମଦିନା ଆଡ଼କୁ ଯିବ ନାହିଁ । ବରଂ ଓ୍ୱହଦ୍ କ୍ଷେତ୍ରରେ ହିଁ ରହିବ । ହଜୁର[ସ.ଅ] କହିଲେ; କ'ଣ ତୁମ ସ୍ୱାମୀ ରଣକ୍ଷେତ୍ରକୁ ଯିବା ପୂର୍ବରୁ ତୁମକୁ କିଛି କହିଥିଲେ । ହଜରତ ହିନ୍ଦ୍ ଉତ୍ତର ଦେଲେ, ଓ୍ୱହଦ୍ ରଣକ୍ଷେତ୍ରକୁ ଗମନ କରିବା ସମୟରେ ସେ କିବ୍‌ଲା ମୁହାଁ ହୋଇ ଏହି ଦୁଆ କରିଥିଲେ, **ହେ ଅଲ୍ଲାଃ ! ମୋ ପରିବାର ଆଡ଼କୁ ମୋତେ ଅପମାନିତ କରି ଫେରାଇବ ନାହିଁ । ମୋତେ**

**ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଇବ ।** ଏଥିରେ ହଜୁର[ସ.ଅ] କହିଲେ; ଏଥିପାଇଁ ଓଟ ଆଗକୁ ବଢୁ ନାହିଁ । ଅଧିକନ୍ତୁ ଆପଣ କହିଲେ; ହେ ଅନସାର ଦଳ! ତୁମମାନଙ୍କ ମଧ୍ୟରୁ ଏପରି ପୁଣ୍ୟବାନ ବ୍ୟକ୍ତି ଅଛନ୍ତି ଯେ, ଯଦି ଇଶ୍ୱରଙ୍କ ଶପଥ କରି କୌଣସି କଥା କୁହନ୍ତି ତେବେ ପରମେଶ୍ୱର ତାଙ୍କର ସେହି କଥା ନିଶ୍ଚୟ ପୂରଣ କରିଦେବେ ଏବଂ ଉମରୋ ବିନ୍ ଜମୁଃ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବସରରେ ଜର୍ମାନୀର ଜଣେ ବୃଦ୍ଧ ମହିଳାର ପୁତ୍ର ଯୁଦ୍ଧରେ ନିହତ ହୋଇଗଲା । ଏଥିରେ ସେ ଏକ ଲୋକଦେଖାଣିଆ ହସ ହସି ପ୍ରତିକ୍ରିୟା ପ୍ରକାଶ କଲେ । ସେତେବେଳେ ଏହି ସମାଚାର ଆସିଲା କି ଦେଖ ଏହି ମହିଳା ଜଣକ କିଭଳି ଅପୂର୍ବ ଧୈର୍ଯ୍ୟର ପ୍ରଦର୍ଶନ କରିଛନ୍ତି । ଆପଣ[ର.ଅ] କହିଲେ; ସେ ଠୋ ଠୋ କରି ହସିଥିଲେ କିନ୍ତୁ ତାହାର ପରିପ୍ରକାଶରେ ତାଙ୍କ ବ୍ୟଥା ମନ ତଳେ ଦବି ରହିଥିବାର ପ୍ରତୀତ ହେଉଛି । ଅର୍ଥାତ ତାଙ୍କର ଅନ୍ତରଆତ୍ମା ବେଦନାରେ ଅଶ୍ରୁ ଝରାଉ ଥିଲା କିନ୍ତୁ ଇସଲାମର ମହିଳା ସାହାବିମାନଙ୍କର ଆଚରଣ ଏପରି ନଥିଲା କି ସେମାନେ ମନର କୋହକୁ ମନରେ ହିଁ ଚାପି ରଖିଥିଲେ, ଆଉ ଅନ୍ତରରୁ ଲୁହ ଝରାଉ ଥିଲେ, ନା ବରଂ ସେମାନେ ଅନ୍ତରରୁ ଆନନ୍ଦିତ ଥିଲେ କି ଯଦି ଇସଲାମର ପ୍ରାଣ ପ୍ରତିଷ୍ଠାତା ଜୀବିତ ତେବେ ଆଉ ଆମର କ'ଣ ଲୋଡ଼ା । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; **ଯେତେବେଳେ ମୁଁ ସେହି ପୂଜ୍ୟ ମହିଳାଙ୍କ ପ୍ରସଙ୍ଗରେ ଅଧ୍ୟୟନ କରିଥାଏ ସେତେବେଳେ ମୋ ମନରେ ତାଙ୍କ ପାଇଁ ସମ୍ମାନ ଓ ଆଦର ଭରି ଯାଇଥାଏ ।** ଆଉ ମୋ ମନ ଅଭିଳାଷ କରିଥାଏ କି ସେହି ମହାନ ମହିଳାଙ୍କ ପଣତକୁ ସ୍ପର୍ଶ କରି ଦିଅନ୍ତି । ସେଥିଅନ୍ତେ ମୋ ହସ୍ତ ତାଙ୍କ ଚକ୍ଷୁକୁ ସ୍ପର୍ଶ କରି ପାରନ୍ତା କି କାରଣ ସେ ମୋ ପ୍ରିୟ ମୁନିବଙ୍କ ସକାଶେ ଅପୂର୍ବ ଓ ଅବିସ୍ମରଣୀୟ ଉଦାହରଣ ସ୍ଥାପନ କରି ଯାଇଛନ୍ତି । ଆପଣ[ର.ଅ] କୁହନ୍ତି; ଏହା ସେହି ନିଷ୍ଠାପର ପ୍ରେମ ଓ ତ୍ୟାଗ ଥିଲା ଯାହାକି ପରମେଶ୍ୱର ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ପାଇଁ ସେମାନଙ୍କ ହୃଦୟରେ ଉତ୍ପନ୍ନ କରି ଦେଇଥିଲେ । ପରମେଶ୍ୱରଙ୍କ ମୁକାବିଲାରେ ସେମାନେ ନିଜ ଅତି ନିକଟ ସମ୍ପର୍କୀୟ ଯେପରି ପିତାମାତା, ଭାଇଭଉଣୀ, ପତ୍ନୀ ଓ ସ୍ୱାମୀଙ୍କର ମଧ୍ୟ ପରଓ୍ୱା କରି ନଥିଲେ । ସେମାନଙ୍କର ମାତ୍ର ଗୋଟିଏ ଉଦ୍ଦେଶ୍ୟ ଥିଲା ଯେ, ନିଜ ପ୍ରଭୁଙ୍କର କିପରି ପ୍ରସନ୍ନତା ଲାଭ କରିବୁ । ଏଥିପାଇଁ ତ ଅଲ୍ଲାଃତାଲା ସେମାନଙ୍କ ରଜିଅଲ୍ଲାହୁ ଅନ୍‌ହୁର ଉପାଧି ପ୍ରଦାନ କଲେ ।

ଜଣେ ଜୀବନୀ ଲେଖାଳୀ ଉଲ୍ଲେଖ କରିଛନ୍ତି; ନିଃସନ୍ଦେହ ରୂପେ ମଦିନାର ବିପତ୍ତି ଅତି ବ୍ୟାକୁଳ ଓ କୋହପୂର୍ଣ୍ଣ ପୀଡ଼ା ଥିଲା । କିନ୍ତୁ ମକ୍କା ଓ ମଦିନା ମଧ୍ୟରେ ଏକ ସମସ୍ୟାକୁ ହାସଲ କରିବାରେ ମାଇଲ୍ ଖୁଣ୍ଟର ଫରକ ରହିଥିଲା । ମକ୍କାର ଅମାନ୍ୟକାରୀମାନେ ବଦର ଯୁଦ୍ଧର ମହାବିପତ୍ତିକୁ କିଞ୍ଚିତ ଦୁର୍ବଳ, ବ୍ୟଗ୍ରତା ଓ ବ୍ୟତିବ୍ୟସ୍ତତାରେ ହାସଲ କଲେ । ଯେତେବେଳେ କି ମଦିନାବାସୀ ଓ୍ୱହଦ୍‌ର ବିପତ୍ତିକୁ ଅସାଧାରଣ ଧୈର୍ଯ୍ୟ ରୂପକ ବିଶ୍ୱାସ, ଅଟଳ ଅବିଚଳତା ଓ ଅଦମ୍ୟ ସାହସ ମାଧ୍ୟମରେ ହାସଲ କଲେ । କାରଣ ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କୁ ମଧ୍ୟ ବେଶ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ସେମାନଙ୍କର ସେହି କ୍ଷତି ଅଭୂତପୂର୍ବ ଧୈର୍ଯ୍ୟ ରକ୍ଷା କରି ଉଦାହରଣ ସୃଷ୍ଟି କରିଥିଲେ । କାରଣ ସେମାନେ ଦୃଢ଼ ଆତ୍ମବିଶ୍ୱାସ ଓ ଅଦମ୍ୟ ସାହସର ତାଲିମ ପ୍ରାପ୍ତ କରିଥିଲେ । ମଦିନାର ସମର ସେନାକୁ ଓ୍ୱହଦ୍ କ୍ଷେତ୍ରରେ ଯେଉଁ କ୍ଷତି ପହଞ୍ଚିଥିଲା ତାହାର ଫଳସ୍ୱରୂପ ମଦିନାର ବାସୀନ୍ଦାମାନଙ୍କ ମଧ୍ୟରୁ କାହାରି ଠାରେ ଅସ୍ଥିରତା, ବ୍ୟଗ୍ରତା ଓ ଦୁର୍ବଳତାର ଚିହ୍ନବର୍ଣ୍ଣ ମଧ୍ୟ ଦୃଶ୍ୟମାନ ହୋଇ ନଥିଲା । ପରବର୍ତ୍ତୀ ଘଟଣାବଳୀ ଇନ୍ନଶା ଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଫିଲିସ୍ତିନବାସୀଙ୍କ ପାଇଁ ବିଶେଷ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କ ସକାଶେ ସରଳ ମାର୍ଗ ଉନ୍ମୁକ୍ତ କରିଦିଅନ୍ତୁ । ଶତ୍ରୁ ତ ନିଜର ସମସ୍ତ ପ୍ରକାରର ନିଚ ଓ ହୀନ କୁଟନୀତି ତଥା ଘୃଣ୍ୟ ଷଡ଼ଯନ୍ତ୍ର ମାଧ୍ୟମରେ ସେମାନଙ୍କୁ ତଳିତଳାନ୍ତ କରିବାକୁ ଉଦ୍ୟମରତ । ଆଉ ଶକ୍ତିଶାଳୀ ରାଷ୍ଟ୍ରମାନେ ଯୁଦ୍ଧକୁ ବନ୍ଦ କରାଇବା ପରିବର୍ତ୍ତେ ତାହାକୁ ପ୍ରଶୟ ଦେଉଛନ୍ତି । ତେବେ ଐଶ୍ୱର୍ଯ୍ୟମୟ ପ୍ରଭୁ ହିଁ ଏହି କପଟିମାନଙ୍କ ହସ୍ତ ରୋକି ପାରିବେ । ଏଥିପାଇଁ ବହୁତ ଦୁଆ କରିବେ ।

ଏହିପରି ଯେଉଁ ଅନୁଦାନ ସଂସ୍ଥା ମାଧ୍ୟମରେ ସେହି ନିରୀହ ନିରାଶ୍ରୟମାନଙ୍କୁ ଖାଦ୍ୟପେୟ, ଔଷଧ ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦେବାରେ ସକ୍ରିୟ ରହିଛନ୍ତି, ସେମାନଙ୍କୁ ସହଯୋଗ କରିବା ପାଇଁ ଅହେମଦିମାନଙ୍କୁ ଆଗେଇ ଆସିବା ଉଚିତ୍ । ଆଉ ନିଜ ପରିସର ମଧ୍ୟରେ ଏହି ଅନ୍ୟାୟ ଅତ୍ୟାଚାରକୁ ରୋକିବା ଦିଗରେ ପ୍ରୟାସ ଜାରି ରଖିବା ଉଚିତ୍ । ରାଜନେତାମାନଙ୍କୁ ଏହି ପ୍ରସଙ୍ଗରେ ପତ୍ର ଲେଖିବା, ସେମାନଙ୍କୁ ବୁଝାଇବା କି ସେମାନେ ଯାହା କରୁଛନ୍ତି ବହୁତ ଗର୍ହିତ (କାର୍ଯ୍ୟ) କରୁଛନ୍ତି । ଫିଲିସ୍ତିନବାସୀଙ୍କୁ ମଧ୍ୟ ଅଲ୍ଲାଃତାଲା ବହୁତ ଦୁଆ କରିବାକୁ ଓ ନିଜ ଆଧ୍ୟାତ୍ମିକ ଅବସ୍ଥାକୁ ଉର୍ଦ୍ଧ୍ୱଗାମୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ୟୁକ୍ରେନ ଓ ଋଷ ଯୁଦ୍ଧ ଯେଉଁଥିରେ ୟୁରୋପ ଓ ଆମେରିକା ସିଧାସଳଖ ସାମିଲ ହେବାର ଖବର ମିଳୁଅଛି, ଏତଦ୍ ଦ୍ୱାରା ମଧ୍ୟ ବିଶ୍ୱଯୁଦ୍ଧ ହେବାର ଉତ୍କଟ ପରିସ୍ଥିତି ଅଧିକ ଘନିଭୂତ ହେଉଅଛି । ଏଥି ସକାଶେ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସଂସାରବାସୀଙ୍କୁ ଧ୍ୱଂସ ମୁଖରୁ ରକ୍ଷା କରନ୍ତୁ । ପ୍ରତିରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଯେପରିକି ମୁଁ ପୂର୍ବରୁ କହିଥିଲି ଏବଂ ମୋ ପୂର୍ବରୁ ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ମଧ୍ୟ ପରମାଣୁ ଅସ୍ତ୍ରର କୁପ୍ରଭାବରୁ ରକ୍ଷା ପାଇବା ନିମନ୍ତେ ଏକ (ହୋମିଓପାଥି) ଔଷଧ ସେବନ କରିବାକୁ ଉପଦେଶ ଦେଇଥିଲେ । ଏବେ ପୂର୍ବର ସେହି କୋର୍ଷଟି (ତିନି ଥର ଲେଖାଏ) ପୁନର୍ବାର ସେବନ କରିନିଅନ୍ତୁ । ଏହିପରି ଅହେମଦିମାନେ ନିଜ ଘରେ ମଧ୍ୟ ତିନି/ଚାରି ମାସର ରାସନ ଗଚ୍ଛିତ ରଖିନେବା ଉଚିତ୍ । ବିଶେଷ କରି ଯେଉଁସ୍ଥଳେ ସିଧାସଳଖ ଯୁଦ୍ଧର ଉତ୍କଟ ପରିସ୍ଥିତି ଘନିଭୂତ ହେଉଅଛି । ଯୁଦ୍ଧ ନହେଲେ ମଧ୍ୟ ଏହି ସୁରକ୍ଷା ମୂଳକ ପଦକ୍ଷେପ ଦ୍ୱାରା ଉପକାର ହିଁ ସାଧିତ ହେବ । ୟମନ୍‌ର ଅହେମଦିମାନଙ୍କ ସକାଶେ ମଧ୍ୟ ଦୁଆ ଅବ୍ୟାହତ ରଖିବେ ଅଲ୍ଲାଃତାଲା ସେମାନଙ୍କ ପାଇଁ ମୁକ୍ତିର ପଥ ଖୁବ୍ ଶୀଘ୍ର ଉନ୍ମୁକ୍ତ କରିଦିଅନ୍ତୁ । ଅଲ୍ଲାଃତାଲା ସଂସାରବାସୀଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେପରି ସେମାନେ ଉନ୍ନତି କରିବା ଆଳରେ ତାମସିକ କାମନାର ବଶବର୍ତ୍ତୀ ହୋଇ ନଯାନ୍ତୁ । ବରଂ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ଅଲ୍ଲାଃତାଲା ନ୍ୟାୟ ପରାୟଣ ହୋଇ ପାରସ୍ପରିକ ମତଭେଦକୁ ଦୂର କରି ଏକ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମମାନଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଅଲ୍ଲାଃତାଲାଙ୍କ ବାର୍ତ୍ତା ସଂସାରର ପ୍ରତ୍ୟେକ ବ୍ୟକ୍ତି ନିକଟରେ ପହଞ୍ଚାଇ ପାରିବା ।

ପରିଶେଷରେ ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] ଶ୍ରୀମାନ ତାହେର ଇକ୍‌ବାଲ୍ ଚିମା ସାହେବ ପୁତ୍ର ଶ୍ରୀମାନ ଖିଜର ହୟାତ ଚିମା ସାହେବ ସଦର ଜମାଅତ ଚେକ୍ ଚୌରାସି ଫତେହ୍‌ପୁର ଜିଲ୍ଲା ବାହାଓ୍ୱଲ୍‌ପୁର । ଯାହାଙ୍କୁ ବିଗତରେ ଶହିଦ୍ କରି ଦିଆଗଲା, ତାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ । ତାଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ରକ୍ଷା କରିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ତାଙ୍କର ସୁଗୁଣାବଳୀଗୁଡ଼ିକୁ ଜାରି ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରିୟ ହଜୁର ଅନଓ୍ୱର[ଅ.ବ] ନମାଜ ଜୁମା ପରେ ତାଙ୍କର ନଜାମ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।